# Akashvani, Sambalpur

## SAMBALPURI NEWS EVENING BULLETIN

## 12 February 2026 - 7.02 pm- 7.12 pm.

*********************************************

୧- ନୂଆଦିଲ୍ଲୀ ନ ସେବାତୀର୍ଥ ଆଉ କର୍ତବ୍ୟ ଭବନ୍‌କେ ଆଏବା କାଏଲ୍ ଉଦ୍‌ଘାଟନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଆଏବା କାଏଲ୍ ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ଓଡ଼ିଶା ଅକ୍ଷୟ ଶକ୍ତି ନିବେଶକ୍ ସମ୍ମିଲନୀ-୨୦୨୬ ଥି ଆସ୍‌ଲା ୬୭ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରତିଶ୍ରୁତି ।

ଆଉର୍

୪- ରାଉର୍‌କେଲା ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ନ ହକି ଇଣ୍ଡିଆ ପ୍ରୋ ଲିଗ୍‌ଥି ଆଉ କିଛି ସମିଆ ଉତ୍‌ରୁ ଭାରତ୍ -ଆର୍ଜେଂଟିନା ଭିତ୍‌ରେ ହେବା ମେଚ୍ ।

ପ୍ରଧାନ୍‌ମନ୍ତ୍ରୀ- ସେବାତୀର୍ଥ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ନୂଆଦିଲ୍ଲୀ ନ ନୂଆଁକରି ତିଆର୍ ହେଇଥିବା ସେବା ତୀର୍ଥ ଆଉ କର୍ତବ୍ୟ ଭବନ୍ ୧ ଆଉ ୨ ର ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗୁଟେ ଜନସଭାଥି ଉଦ୍‌ବୋଧନ୍ ଦେବେ । ସେବାତୀର୍ଥ କୁଠା ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଲୟ ଜାତୀୟ ସୁରକ୍ଷା ପରିଷଦ୍‌ର ସଚିବାଳୟ, କେବିନେଟ୍ ସଚିବାଳୟ କାର୍ଯ୍ୟାଳୟ ରହେବା । ସେନ୍ତା କର୍ତବ୍ୟ ପଥ ୧ ଆଉ ୨ ପରିସର୍ ନ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ରହେବା ।

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଲ୍ ଏନ୍‌ଏସ୍‌ଡି

ଲୋକ୍‌ସଭା ନ ଆଏଜ୍ ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଲ୍ -୨୦୨୬ ପାରିତ୍ ହେଇଯାଇଛେ । ତାର୍ ଉତ୍‌ରୁ ବିଲ୍‌କେ ନେଇକରି ରାଜ୍ୟସଭା ନ ଆଲୋଚନା ଜାରି ରହିଛେ । ବିଲ୍‌କେ ନେଇକରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଗୃହ ନ ତଥ୍ୟ ଉପସ୍ଥାପନ୍ କରିଛନ୍ ।

ଲୋକ୍‌ସଭା ନ ବିଲ୍ ପାସ୍ ହେବାର୍ ଉତ୍‌ରୁ ଇତାକେ ନେଇକରି ବହୁତ୍ ଆଲୋଚନା ହେଇଥିଲା । ଅର୍ଥମନ୍ତ୍ରୀ ଶ୍ରୀମତୀ

ସୀତାରମଣ୍, କେନ୍ଦ୍ର ଶ୍ରମ ମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ ବିଲ୍ ଉପ୍ରେ ଭିନ୍ ଭିନ୍ ତଥ୍ୟ ରଖିଥିଲେ । ସୂଚ୍ନା ଅନ୍ସାରେ ଶିଳ୍ପ ସମ୍ପର୍କ ସଂହିତା-୨୦୨୦ଥି କିଛି ସଂଶୋଧନ୍ କରାଯାଇକରି ଇ ନୂଆଁ ବିଲ୍ ତିଆର୍ କରାଯାଇଛେ । ସଂହିତାର୍ ଧାରା ୧୦୪ ଅନ୍ସାରେ ଆଘର୍ ଆଇନ୍ ବ୍ୟବସ୍ଥାଥି ରହିଥିବା ପଦକ୍ଷେପ୍ ମାନ୍କର୍ ଭବିଷ୍ୟତ୍ କାମ୍କାଜ୍କେ ନେଇକରି ଦ୍ୱନ୍ଦ୍ୱ ଦେଖାଦେଇଥିଲା । ଇତାକେ ଦୂର୍ କର୍ବାର୍ ଲାଗି ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଲ୍ ୨୦୨୬ କେ ଗୃହ ନ ଆଗତ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ - ନବରଙ୍ଗ୍ପୁର୍ ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ନବରଙ୍ଗ୍ପୁର୍ ଜିଲ୍ଲା ନ ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ଯୋଜ୍ନାଥି ପହେଲା ଖେପେ ୫ ଶହ ଝନ୍ ଶ୍ରଦ୍ଧାଳୁ ସର୍କାର୍ଙ୍କର୍ ସାହାଜ୍ଥି ପୁରୀ ନ ମାହାପୁରୁମାନ୍କର୍ ଦର୍ଶନ୍ କର୍ବାର୍ ସୁଯୋଗ୍ ପାଏବେ । ଇ ଖେପ୍ଥି ୫ ଟା ଜିଲ୍ଲାର୍ ୬୦ ନୁ ୭୫ ବୟସର୍ ବୟସ୍କ ବ୍ୟକ୍ତି ଆଉ ବିଧବା ମହିଳାମାନେ ପୁରୀ ଦର୍ଶନ୍ କର୍ବାର୍ ସୁଯୋଗ୍ ପାଇଛନ୍ । ସର୍କାର୍ଙ୍କର୍ ତର୍ଫୁ ସେମାନ୍କର୍ ଯିବାର୍ ଆସ୍ବାର୍ ସହେତେ ରହେବାର୍, ଖାଏବାର୍ ବ୍ୟବସ୍ଥା କରାଯାଇଛେ ।

ଭାରତ ବୋଧନ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ   ଏକ୍ସ

କୃତ୍ରିମ ବୁଦ୍ଧିମତା ସ୍ଥାପତ୍ୟ ମିସିନ୍ ଆଉ ଭାବାବେଗ୍ର ମିଶ୍ରଣ୍ଥି  ଆଗ୍କେ ବଢ଼୍ଲେ ଭାରତ୍ ବିଶ୍ୱସ୍ତର୍ଥି ଗୁଟେ ଶକ୍ତିଶାଳୀ ଦେଶ୍ର ମାଏନ୍ତା ପାଏବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ହେଇଥିବା ଭାରତ୍ ବୋଧ ନ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ-୨୦୨୬ ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଭାରତ୍ର କୃତ୍ରିମ ବୁଦ୍ଧିମତା ସମାବେଶୀ, ସହନ୍ଶୀଲ୍ ନୀତିଗତ, ଦାୟିତ୍ୱପୂର୍ଣ୍ଣ ଆଉ ସାର୍ବଭୌମ ହେବାର୍ ଦର୍କାର୍ । ଦେଶର୍ ଶିକ୍ଷା ଇକୋ ସିଷ୍ଟମ୍ଥି କୃତ୍ରିମ ବୁଦ୍ଧିମତା ଆଧାରିତ୍ କାମ୍ ତୁର୍ତି କରାଯାଉଛେ । ୩ ଶ୍ରେଣୀନୁ ଗବେଷଣା ସ୍ତର୍ତକ୍ କୃତ୍ରିମ ବୁଦ୍ଧିମତାକେ ଦେଶର୍ ଶିକ୍ଷା ଢାଂଚାଥି ସାମିଲ୍ କରାଯିବାର୍ ଉପ୍ରେ ଶ୍ରୀ ପ୍ରଧାନ୍ ଜୋର୍ ଦେଇଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଆଏବା ୫ ବଛର୍ ଭିତ୍ରେ ଏଆଇ ବିଶ୍ୱ ଅର୍ଥନୀତି ୧୫ ଟ୍ରିଲିୟନ୍ ଡଲାର୍ଥି ପୁହୁଁଚିବା ବଲି ଆଶା କରାଯାଉଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଅବ୍ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଇଆଇଟି ମାଡ୍ରାସ୍, ବୋଧନ, ଏଆଇ ଫାଉଣ୍ଡେସନ୍ ଲୋଗୋ ଆଉ ୱେବ୍ସାଇଟ୍ ଉନ୍ମୋଚନ୍ କରିଛନ୍ ।

ରାଜସ୍ୱ ମନ୍ତ୍ରୀ -ଜମି ପଟ୍ଟା କ୍ୟୁଆର୍‌କୋଡ଼       ଏକ୍ସ

କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ଚେରେଷ୍ଟାଥି ନୂଆଁ ଜମି ପଟ୍ଟା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ରାଜସ୍ୱ ମନ୍ତ୍ରୀ କହିଛନ୍, ପଟ୍ଟାଥି ଏତ୍‌କର ଗୁଟେ ଇଲେକ୍ଟ୍ରୋନିକ୍ସ କ୍ୟୁଆର୍ କୋଡ଼୍ ରହେବା । କୋଡ଼୍‌କେ ସ୍କେନ୍ କରିକରି ଜମି ବାବଦ୍ ସବୁ ତଥ୍ୟ ମିଲିପାର୍‌ବା । ଜମି ଘିନାବିକା ବେଲ୍‌କେ ହଉଥିବା ଠକେଇକେ ରୁକ୍‌ବାର୍ ଲାଗି ଇଟା ବହୁତ୍ ସାହାଜ୍ କର୍‌ବା । ଜମି ଘିନାବିକାର୍ ସଠିକ୍ ତଥ୍ୟ ବାବ୍‌ଦେ ତହସିଲ୍‌ଦାର୍ ଆଉ ରାଜସ୍ୱ ନିରୀକ୍ଷକ ମାନେ ଭିଲ୍ ଇତାର୍ ଜରିଏ ଯାଂଚ୍ କରିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ରତ୍ନଭଣ୍ଡାର୍ ଗନ୍‌ତି- ହାଇକୋର୍ଟ       ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି କାମ୍‌କେ ଆଏବା ୩ ମାସ୍ ଭିତ୍‌ରେ ସାର୍‌ବାର୍‌କେ ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ରତ୍ନଭଣ୍ଡାର୍ ଚାବି ହଜ୍‌ବାର୍ ରିପୋର୍ଟ ଆଏବା ବିଧାନ୍‌ସଭା ଅଧିବେଶନ୍‌ଥି ଉପସ୍ଥାପନ୍ କରାଯିବା । ଜଷ୍ଟିସ୍ ରଘୁବୀର୍ ଦାସ

କମିଶନ୍‌ଙ୍କର୍ ରିପୋର୍ଟକେ ଉପସ୍ଥାପନ୍ କର୍‌ବାର୍‌କେ ହାଇକୋର୍ଟ ନିର୍ଦ୍ଦେଶ୍ ଦେଇଛନ୍ ।

## ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ପୂର୍ବ ଭାରତ୍‌ର ଆଗ୍‌ଧାଡ଼ିର୍ ସ୍ୱଚ୍ଛ ଶକ୍ତି ନିବେଶ୍ ଲକ୍ଷ୍ୟସ୍ଥଲ୍ ଭାବେ ଓଡ଼ିଶା ନିଜ୍‌କେ ପ୍ରତିଷ୍ଠିତ୍ କରିପାରିଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ଓଡ଼ିଶା ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ-୨୦୨୬ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଇଟା କହିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟର୍ ପହେଲା ପବନ୍ ଚାଲିତ୍ ଶହେ ୫୦ ମିଟର୍ ମାଷ୍ଟ ଆଉ ରାଜ୍ୟର୍ ୬ ଟା ସହର୍ ଲାଗି ସିଟି ଏକ୍ସଲେରେଟର୍ କାର୍ଯ୍ୟକ୍ରମ୍ ଲାଗି ଶୁଭାରମ୍ଭ କରିଛନ୍ । ସମ୍ମିଳନୀଥି ୬ ଦଶ୍‌ମିକ୍ ୮ ଗିଗାୱାଟ୍ କ୍ଷମତା ସହେତେ ୬୭ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରତିଶ୍ରୁତି ମିଲିଛେ । ଇଥି ୫ ହଜାର୍ ମେଗାୱାଟ୍‌ନୁ ଅଏତ୍‌କା ଭାସମାନ୍ ସୌର ପ୍ରକଳ୍ପ, ୧୮ ହଜାର୍ ମେଗାୱାଟ୍ ପମ୍ପ୍‌ଡ୍ ଷ୍ଟୋରେଜ୍ ଆଉ ୫ ଶହ ମେଗାୱାଟ୍ ବେଟ୍‌ରୀ ଷ୍ଟୋରେଜ୍ ପ୍ରକଳ୍ପ ରହିଛେ ।

## ଧାନ୍‌ଘିନା-ସମବାୟ ମନ୍ତ୍ରୀ ହି.ସ.

ସର୍କାର୍ ରାଜ୍ୟର୍ ଚାଷୀମାନ୍କର୍ ଠାନୁ ସବୁ ଧାନ୍ ଘିନ୍ବେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ମନ୍ତ୍ରୀ କହିଛନ୍, ମିଲର୍ସ ମାନ୍କର୍ ପାଖେ ଧାନ୍ ରଖ୍ବାର୍କେ ସଂରକ୍ଷଣ୍ କ୍ଷମତା କମ୍ ଥିବାର୍ନୁ ମଣ୍ଡିନୁ ଧାନ୍ ଉଠାବାର୍ଥି ଡେରି ହଉଛେ । ଇ ବଛର୍ ଭଲ୍ ଧାନ୍ ଅମଲ୍ ହେଇଛେ । ଇତାକେ ନଜର୍ଥି ରଖିକରି ସର୍କାର୍ ସଂରକ୍ଷଣ୍ କ୍ଷମତା ବଢ଼ାବାର୍ ଦିଗେ ପଦକ୍ଷେପ୍ ନଉଛନ୍ । ଶହେ ଟା ଆଦର୍ଶ ମଣ୍ଡି ନ ଗୁଦାମ୍ ଘର୍ ତିଆରି ଲାଗି ବ୍ୟବସ୍ଥା କରାଯାଇଛେ । ୩୮ ଟା ମଣ୍ଡି ନ ଟେଣ୍ଡର୍ ପ୍ରକ୍ରିୟା ଲାଗି ଓବିସିସି କେ ୩ ଶହ ୧୨ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଆଏବା ଖେପ୍ଥି ବାକି ୬୨ ଟା ଆଦର୍ଶ ମଣ୍ଡି ନ ଗୁଦାମ୍ ଘର୍ ତିଆର୍ କରାଯିବା । ତାର୍ ଉତ୍ରୁ ଖେପ୍ ଖେପ୍ କରି ଫି' ପଂଚାୟତ୍ ନ ମଣ୍ଡି ଆଉ ଗୁଦାମ୍ ଘର୍ ତିଆର୍ କର୍ବାର୍କେ ପଦକ୍ଷେପ୍ ନିଆଯିବା । ସେନ୍ତା ସମିଆ ଶେଷ୍ ହେଇଯାଇଥିବା ଟୋକନ୍ ମାନ୍କର୍ ଲାଗି ଆଉ ୧୫ ଦିନ୍ ଅଏତ୍କା ସମିଆ ବଢ଼ାଯାଇଛେ ବଲି ସମବାୟ ମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ପ୍ରଦୀପ୍ ବଲସାମନ୍ତ)

ଡିଜିଟାଲ୍ ଭାରତ ନିଧି ଯୋଜ୍ନା-ମନ୍ତ୍ରୀ ଏକ୍ସ

ସର୍‌କାର୍ ଡିଜିଟାଲ୍ ଭାରତ୍ ନିଧି ଯୋଜ୍‌ନାଥି ରାଜ୍ୟର୍ ସବୁ ଇଲାକାକେ ଫୋର୍-ଜି ଆଉ ଫାଇଭ୍-ଜି ସେବାଥି ଜୁଡ୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ରାଜ୍ୟ ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍, ଆଏବା ମାର୍ଚ୍ଚ ମାସ୍‌ତକ୍ ରାଜ୍ୟର୍ ସବୁ ଜାଗା ନ ବର୍‌କସ୍ ନେଟ୍‌ୱର୍କ ବ୍ୟବସ୍ଥା କରାଯିବା । ଇ ବାବ୍‌ଦେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରାଯାଇଛେ ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ଓଏଭି ଅଧ୍ୟକ୍ଷ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ମାଧ୍ୟମିକ ଶିକ୍ଷା ବୋର୍ଡ୍-ସିବିଏସ୍‌ଇର ୧୦ ଆର୍ ୧୨ ବୋର୍ଡ୍ ପରୀକ୍ଷାକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍ ନ ଆଏକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ଅଧ୍ୟକ୍ଷମାନ୍‌କର୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଆୟୁକ୍ତ ଡାକ୍ତର୍ ଏନ୍.ତିରୁମାଲା ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଭାସୀ ଜରିଏ ସବୁ ଓଏଭିର ଅଧ୍ୟକ୍ଷ ମାନେ ସାମିଲ୍ ହେଇଥିଲେ । ବୈଠକ୍‌ଥି ଓଏଭିର୍ ଆଘର୍ ବଛ୍‌ରର୍ ପରୀକ୍ଷାଫଲ୍‌ର ସମୀକ୍ଷା କରାଯିବାର୍ ସହେତେ ଇ ବଛ୍‌ରର୍

ଛାତ୍ରଛାତ୍ରୀମାନେ କେନ୍ତାକରି ଆହୁରି ଭଲ୍ ପ୍ରଦର୍ଶନ୍ କରିପାର୍‌ବେ ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଓଟିଇଟି ପରୀକ୍ଷାଫଳ          କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଟିଇଟି -୨୦୨୫ ପରୀକ୍ଷାଫଳ୍ ଆଏଜ୍ ବାହାରିଛେ । ଗଲା ଡିସେମ୍ବର୍ ୧୭ ତାରିଖ୍ ହେଇଥିବା ପରୀକ୍ଷାଥି ଦୁହି ପେପର୍ ଲାଗି ୧ ଲାଖ୍ ୫୩ ହଜାର୍ ୭ ଶହ ୪୭ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିର୍‌ଭିତ୍‌ରୁ ଲାଖେ ୬ ହଜାର୍ ୪୧ ଝନ୍ ପାସ୍ କରିଛନ୍ । ପରୀକ୍ଷାଫଳ୍ ବୋର୍ଡ଼ ୱେବ୍‌ସାଇଟ୍ www.bseodisha.ac.in ଥି ମିଳିପାରୁଛେ ।

ବରିଷ୍ଠ ନାଗରିକ ସଚେତନତା ଶିବିର     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ବରିଷ୍ଠ ନାଗରିକ୍‌ମାନ୍‌କର୍ ଲାଗି ଭିନ୍ ଭିନ୍ ସଚେତନତା ଶିବିର୍ ଆୟୋଜନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଆଏବା ୨୦ ତାରିଖ୍ ନୂଆପଡ଼ା ଠାନେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ନ ବରିଷ୍ଠ

ନାଗରିକମାନ୍‌କର୍ ଲାଗି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ କରାଯିବା ବଲି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ପୁରୁଷ ହକି ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଚାଲିଥିବା ଏଫ୍‌ଆଇଏଚ୍- ପୁରୁଷ ହକି ପ୍ରୋ ଲିଗ୍ -୨୦୨୫-୨୬ ଥି ଆଉକିଛି ସମିଆ ଉତ୍‌ରୁ ଭାରତ୍ ଆଉ ଆର୍ଜେଂଟିନା ଭିତ୍‌ରେ ମେଚ୍ ଖେଲାଯିବା । ଆଏବା ୧୪ ତାରିଖ୍ ଦିନ ଭାରତ୍ - ବେଲ୍‌ଜିୟମ୍ ସହେତେ ଆଉ ୧୫ ତାରିଖ୍ ଦିନ ଆର୍ଜେଂଟିନା ସହେତେ ମେଚ୍ ଖେଲ୍‌ବା ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍
ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୫ ନମ୍ବର୍ ଦିନେ ଆଏଜ୍ କୋରାପୁଟ୍ ଦଲ୍ ଟାଇବ୍ରେକର୍ ଜରିଏ ୫/୪ ଗୋଲ୍‌ଥି ନୂଆପଡ଼ା ଦଲ୍‌କେ ହରେଇଛେ । ଆଏବା କାଏଲ୍ ପହେଲା ସେମିଫାଇନାଲ୍ ମେଚ୍ ଝାର୍‌ସୁଗୁଡ଼ା ଆଉ କୋରାପୁଟ୍ ଭିତ୍‌ରେ ଖେଲାଯିବା ।

ଟି-ଟ୍ୱେଂଟି ବିଶ୍ୱକପ୍       ଆର୍ଏନ୍ୟୁ/ ସମ୍ବଲପୁର

ଆଇସିସି ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍ର ୧୦ ନମ୍ବର୍ ସଂସ୍କରଣ୍ଥି ନୂଆଦିଲ୍ଲୀର୍ ଅରୁଣ୍ ଜେଟ୍ଲି ଷ୍ଟାଡ଼ିୟମ୍ ନ ଆଏଜ୍ ସଞ୍ଜବେଲର୍ ୭ ବଜେନୁ ଭାରତ୍ ଆଉ ନାମିବିଆ ଭିତ୍ରେ ଖେଲ୍ ମୁଲ୍ ହେଇଛେ । ନାମିବିଆ ଦଲ୍ ଟସ୍ ଜିତିକରି ପହେଲା ବୋଲିଂ କର୍ବାର୍କେ ନିଷ୍ପତି ନେଇଛେ । ଭାରତୀୟ ଦଲ୍ ତର୍ଫୁ ଇଷାନ୍ କିଷାନ୍ ଆଉ ସଞ୍ଜୁ ସାମ୍ସନ୍ ଓପନିଂ ବେଟିଂ କରୁଛନ୍ ।

ପାଣିପାଗ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ କମିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ଦିନ୍ବେଲା ରାଜ୍ୟର୍ ସବୁ ଜାଗା ନ ଦିନର୍ ତାପମାତ୍ରା ୩୦ ଡିଗ୍ରୀ ଉପ୍ରେ ରହିଥିଲା ।